ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/ 1377/03-03-2021**

# ପ୍ରେସ୍ ବିବୃତି

ଭୁବନେଶ୍ୱର :୦୩ ମାର୍ଚ୍ଚ,୨୦୨୧

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଆଜି ଏକ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ରାୟଗଡ଼ାରେ ଏକ ପ୍ଲାନେଟୋରିୟମ୍ ଏବଂ କୋରାପୁଟ ଜିଲ୍ଲାର ଜୟପୁରରେ ଏକ ଜିଲ୍ଲା ବିଜ୍ଞାନ କେନ୍ଦ୍ର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କୁ ବିଜ୍ଞାନ ଶିକ୍ଷାରେ ମନୋନିବେଶ କରିବା ସହିତ ବୈଜ୍ଞାନିକ ମନୋବୃତ୍ତି ନେଇ ଜୀବନରେ ଆଗକୁ ବଢ଼ିବା ପାଇଁ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି ଯେ ରାଜ୍ୟ ସରକାର ବିଜ୍ଞାନ, ପ୍ରଯୁକ୍ତି ବିଦ୍ୟା, ଇଂଜିନିୟରିଂ ଓ ଗଣିତ ଶିକ୍ଷାରେ ଅଧିକରୁ ଅଧିକ ଛାତ୍ରଛାତ୍ରୀମାନଙ୍କୁ ଆକୃଷ୍ଟ କରିବା ପାଇଁ ପଦକ୍ଷେପ ନେଉଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ଆଉ ୬ଟି ପ୍ଲାନେଟୋରିୟମ୍ ଏବଂ ପ୍ରତ୍ୟେକ ଜିଲ୍ଲାରେ ଜିଲ୍ଲା ବିଜ୍ଞାନ କେନ୍ଦ୍ର ସ୍ଥାପନ କରବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି । ସେ ପୁଣି କହିଛନ୍ତି ଯେ ଏଥି ପାଇଁ ୧୦୦ କୋଟି ଟଙ୍କା ବିନିଯୋଗ କରାଯିବ । ଭୁବନେଶ୍ୱରର ପଠାଣୀ ସାମନ୍ତ ପ୍ଲାନେଟୋରିୟମ୍‌କୁ ଏକ ୩–ଡି ପ୍ଲାନେଟୋରିୟମ୍‌ରେ ପରିଣତ କରାଯିବ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ।

- ମାନ୍ୟବର ମନ୍ତ୍ରୀ, ବିଜ୍ଞାନ ଓ କାରିଗରୀ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମାନ୍ୟବର ମନ୍ତ୍ରୀ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଶ୍ରୀ ଜଗନ୍ନାଥ ସାରକା, ମାନ୍ୟବର ମନ୍ତ୍ରୀ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ଶ୍ରୀମତୀ ପଦ୍ମିନୀ ଦିଆନ, ମାନ୍ୟବର ସାଂସଦ ଶ୍ରୀ ଏନ୍. ଭାସ୍କର ରାଓ ଏବଂ ସ୍ଥାନୀୟ ମାନ୍ୟବର ବିଧାୟକମାନେ ଏହି ଅବସରରେ ଉପସ୍ଥିତ ଥିବାବେଳେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସଚିବ (୫–'ଟି') ଶ୍ରୀ ଭି.କେ. ପାଣ୍ଡିଆନ୍ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ବିଶ୍ୱ ବନ୍ୟପ୍ରାଣୀ ଦିବସ ଅବସରରେ ଆମ ଗ୍ରହରେ ଥିବା ସମସ୍ତ ପ୍ରାଣୀ, ବୃକ୍ଷଲତାଙ୍କ ପ୍ରତି ସମ୍ବେଦନଶୀଳ ହେବାକୁ ଆହ୍ୱାନ ଦେଇଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀ ବନ୍ୟଜନ୍ତୁଙ୍କ ପରି ପ୍ରାକୃତିକ ସମ୍ବଳର ଅସୁରକ୍ଷିତ ବ୍ୟବହାରର ପ୍ରଭାବ ସଂପର୍କରେ ସଚେତନତା ସୃଷ୍ଟି ସାଙ୍ଗକୁ ଏହିସବୁ ପ୍ରଜାତିଗୁଡ଼ିକ ସହିତ ସୁସଂହତ ଏବଂ ଯତ୍ନଶୀଳ ସଂପର୍କରୁ ପ୍ରୋତ୍ସାହିତ କରିବା ନିମନ୍ତେ ସମସ୍ତଙ୍କୁ ଅନୁରୋଧ କରିଛନ୍ତି ।

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**

**ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା**

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୮୩,୮୩,୧୯୨ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୩,୩୭,୪୪୮ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୩,୩୪, ୭୦୩ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୧୯୧୭ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୭୭୫ ରହିଛି ।
- ୭୭୫ ଜଣ ହସ୍‌ପିଟାଲ୍ ଆଇସୋଲେସନ୍‌ରେ ରହିଛନ୍ତି ।

ମାନସ ରଞ୍ଜନ ଖୁଣ୍ଟିଆ
ସୂଚନା ଅଧିକାରୀ

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**